

# ଚିନ୍ତାରେ କମିସନରେଟ୍ ପୁଲିସ

## ୧୧ ମାସରେ ଦ୍ୱୈତନଗରୀରେ ୨୦ହଜାର ମାମଲା

ଭୁବନେଶ୍ୱର, ୧୯।୧୨(ସମିସ): ଗତବର୍ଷ ନଭେମ୍ବର ମାସ ସୁଦ୍ଧା ଦ୍ୱୈତନଗରୀରେ ୧୭ହଜାର ୬୭୫ଟି ମାମଲା ରୁଜୁ ହୋଇଥିଲା। ଚଳିତ ବର୍ଷ ନଭେମ୍ବର ସୁଦ୍ଧା ୨୦ହଜାର ୧୯ଟି ମାମଲା ରୁଜୁ ହୋଇଛି। ଗତବର୍ଷ ତୁଳନାରେ ୨୩୪୪ଟି ମାମଲା ଅଧିକ ହୋଇଥିବାବେଳେ ଗୁରୁତର ଅପରାଧ ମାମଲା ସଂଖ୍ୟା ହ୍ରାସ ଘଟିଛି ବୋଲି ପୁଲିସ କମିସନର ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। କମିସନରେଟ୍ ପୁଲିସ ଅଞ୍ଚଳର ଅପରାଧ ନିୟନ୍ତ୍ରଣ ଓ ଅନୁସନ୍ଧାନ ସ୍ଥିତିରେ ସମୀକ୍ଷା କରି ପୁଲିସ କମିସନର ଏଭଳି ମତ ଦେଇଛନ୍ତି। କଟକ ଓ ଭୁବନେଶ୍ୱର ବା ଦ୍ୱୈତନଗରୀ ଥାନାଗୁଡ଼ିକରେ ମାମଲା ବଢୁଥିବାରୁ କମିସନରେଟ୍ ପୁଲିସ ଲାଗି ଅଡୁଆ ବଢୁଛି। ଥାନାଗୁଡ଼ିକରେ ମାମଲା ସଂଖ୍ୟା ବଢୁଥିବାରୁ ପୁଲିସ କର୍ମଚାରୀଙ୍କ ଉପରେ ଚାପ ପଡୁଛି। ବିଶେଷକରି ଗତ କିଛି ମାସ ମଧ୍ୟରେ ସହରରେ ଆଇନ୍‌ଶୃଙ୍ଖଳା ବିଗିଡ଼ିବା ସହ ଅଧିକ ସଂଖ୍ୟକ ମାମଲା ରୁଜୁ ହେଉଥିବା ଅଭିଯୋଗ ହୋଇଛି। ଏଥିସହ ମାର୍‌ପିଟ୍ ଓ ଗଣ୍ଡଗୋଳଜନିତ ମାମଲା ବଢ଼ିବା ସହ କଟକରେ ନାରୀ ନିର୍ଯାତନା ମାମଲା ସାମାନ୍ୟ ବୃଦ୍ଧି ଘଟିଥିବା କୁହାଯାଉଛି।

ପୁଲିସର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ୧୧ ମାସରେ ଦ୍ୱୈତନଗରୀରେ ୨୦ହଜାର ୧୯ଟି ମାମଲାରୁ ଭୁବନେଶ୍ୱରରେ ୧୩ହଜାର ୪୧୧ଟି ଓ କଟକରେ ୬ହଜାର ୬୦୮ଟି ମାମଲା ରୁଜୁ ହୋଇଛି। ଅନୁରୂପ ଭାବେ ୨୦୨୩ରେ ଦ୍ୱୈତନଗରୀରେ ୧୭ହଜାର ୬୭୫ଟି ମାମଲାରୁ ଭୁବନେଶ୍ୱରରେ ୧୦ହଜାର ୮୭୩ ମାମଲା ଓ କଟକରେ ୬୮୦୨ ମାମଲା ରୁଜୁ ହୋଇଛି। ଏହି ତଥ୍ୟ ଦେଖିଲେ ଭୁବନେଶ୍ୱର ତୁଳନାରେ କଟକରେ ଅଧା ମାମଲା ରୁଜୁ କରାଯାଉଛି। କମିସନରେଟ୍ ପୁଲିସ ଅଧୀନରେ ଥିବା ପ୍ରାୟ ୪୫ଟି ମାମଲାରେ ଏହି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏନେଇ ପୁଲିସ କମିସନର ଦେବଦତ୍ତ ସିଂ କହିଛନ୍ତି, ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ କିଛି ମାତ୍ରାରେ ଅଭିଯୋଗ ବୃଦ୍ଧି ହୋଇଛି। ବିନା ବାଧାରେ ଅଭିଯୋଗ ଗ୍ରହଣ କରିବାକୁ ସମସ୍ତ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ଥାନାକୁ ଆସୁଥିବା ଅଭିଯୋଗକାରିଣୀଙ୍କୁ ଅତିଥି ହିସାବରେ ବ୍ୟବହାର କରାଯାଉଛି। ଅଭିଯୋଗକାରୀଙ୍କ କଥା ଶୁଣିବା ସହ ଅଭିଯୋଗପତ୍ର ଆଧାରରେ ମାମଲା ରୁଜୁ କରିବାକୁ କୁହାଯାଇଛି। ଗତ ବର୍ଷ ଅପେକ୍ଷା ଭୁବନେଶ୍ୱର ସହରାଞ୍ଚଳରେ ମାମଲା ବଢ଼ିଥିବାବେଳେ କଟକରେ କମିଛି ବା ସ୍ଥିର ରହିଛି। ମାର୍‌ପିଟ୍, ବିବାଦ ଓ ଝଗଡ଼ା ହେବାରୁ ଥାନାଗୁଡ଼ିକରେ ମିସ୍‌ଲାନିୟସ୍ ମାମଲାରେ ବୃଦ୍ଧି ହୋଇଛି। ଅନୁରୂପ ଭାବେ ଭୁବନେଶ୍ୱରରେ ହତ୍ୟା, ଦୁଷ୍କର୍ମ, ଛିନ୍‌ତାଇ, ରାହାଜାନୀ ଓ ଡକାୟତି ମାମଲା କ୍ରମଶଃ ହ୍ରାସ ହୋଇଛି। ସମାନ ଭାବେ ଏଭଳି ଗୁରୁତର ମାମଲାରେ ହ୍ରାସ ଦେଖାଦେଇଛି। ତେବେ କଟକରେ ଦୁଷ୍କର୍ମ ଛଡ଼ା ନାରୀ ନିର୍ଯାତନା ସମ୍ବନ୍ଧୀୟ ମାମଲା ସାମାନ୍ୟ ବୃଦ୍ଧି ଘଟିଛି। ଅପରାଧ ରୋକିବା ସହ ଅପରାଧ ହେବା ପରେ ଅନୁସନ୍ଧାନ କରି ଅପରାଧୀଙ୍କୁ ଦଣ୍ଡିତ କରିବାକୁ ଗୁରୁତ୍ୱ ଦିଆଯାଉଥିବା ପୁଲିସ କମିସନର ଶ୍ରୀ ସିଂ ସୂଚନା ଦେଇଛନ୍ତି।



### ଭୁବନେଶ୍ୱରରେ ୧୩ ହଜାର; କଟକରେ ୬,୬୦୮
### କଟକରେ କମୁଛି; ରାଜଧାନୀରେ ବଢୁଛି
### ଗତବର୍ଷ ତୁଳନାରେ ବଢ଼ିଛି ମାମଲା

ଗୁରୁବାର କମିସନରେଟ୍ ପୁଲିସ ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅପରାଧର ତଦନ୍ତ ଓ ନିୟନ୍ତ୍ରଣ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ବିଷୟରେ ବିସ୍ତୃତଭାବେ ଆଲୋଚନା କରାଯାଇଛି। ଅପରାଧୀଙ୍କୁ ଦମନ ସହ ଅଭିଯୋଗକାରୀଙ୍କୁ ଭଲ ବ୍ୟବହାର ଦେଖାଇବା ପାଇଁ ବରିଷ୍ଠ ଅଧିକାରୀମାନେ ଗୁରୁମନ୍ତ୍ର ଦେଇଥିଲେ। ଦ୍ୱୈତନଗରୀରେ ଯେଉଁସବୁ ମାମଲା ବଢୁଛି, ସେ ଉପରେ ଅଧିକ ନଜର ରଖିବା ସହ ଅପରାଧୀଙ୍କୁ ସାବାଡ଼ କରିବାକୁ କୁହାଯାଉଛି। ଏହାକୁ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ସହ କମ୍ୟୁନିଟି ପୁଲିସିଂ ଓ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୁଲିସ କମିସନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପିନାକ୍ ମିଶ୍ର, କଟକ ଡିସିପି ଜଗମୋହନ ମୀନା, ଟ୍ରାଫିକ୍ ଡିସିପି, ଡିସିପି ମୁଖ୍ୟାଳୟଙ୍କ ସମେତ ଦ୍ୱୈତନଗରୀର ସମସ୍ତ ଥାନାଧିକାରୀ, ଏସିପି, ଅତିରିକ୍ତ ଡିସିପିମାନେ ଉପସ୍ଥିତ ଥିଲେ। ଏହି ଅବସରରେ 'ବସ୍ତିକୁ ଚାଲ' ଅଭିଯାନର ବହି ଲୋକାର୍ପିତ ହୋଇଥିଲା।

**୨୦୨୪ ନଭେମ୍ବର ୧୫ ସୁଦ୍ଧା ରିପୋର୍ଟ...**

| ଥାନା | ମାମଲା |
|---|---|
| ଏୟାରଫିଲ୍ଡ | ୩୭୭ |
| ଏୟାରପୋର୍ଟ | ୩୭୨ |
| ବଡ଼ଗଡ଼ | ୭୭୯ |
| ବାଲିଅନ୍ତା | ୬୧୨ |
| ବାଲିପାଟଣା | ୫୨୭ |
| ଭରତପୁର | ୮୨୫ |
| କ୍ୟାପିଟାଲ | ୬୧୯ |
| ଚନ୍ଦକା | ୪୧୦ |
| ତମାଣ୍ଡୋ | ୪୫୮ |
| ପାହାଳ | ୫୩୧ |
| ସହିଦନଗର | ୫୩୭ |
| ନନ୍ଦନକାନନ | ୩୫୮ |
| ନୂଆପଲ୍ଲୀ | ୭୫୪ |
| ଚନ୍ଦ୍ରଶେଖରପୁର | ୯୪୪ |
| ଧଉଳି | ୨୯୦ |
| ଇନ୍‌ଫୋସିଟି | ୫୯୫ |
| ଇନ୍‌ଫୋଭ୍ୟାଲି | ୩୩୦ |
| ଜଟଣୀ | ୫୧୨ |
| ଖଣ୍ଡଗିରି | ୮୭୬ |
| ଖାରବେଳନଗର | ୫୪୯ |
| ଲକ୍ଷ୍ମୀସାଗର | ୬୪୯ |
| ଲିଙ୍ଗରାଜ | ୩୨୫ |
| ମହିଳା | ୨୧୦ |
| ମୈତ୍ରୀବିହାର | ୫୬୦ |
| ମଞ୍ଚେଶ୍ୱର | ୬୯୨ |

## ଗୋଦାମରୁ ଚୋରି; ବାପ-ପୁଅ ସମେତ ୩ ଗିରଫ

ଭୁବନେଶ୍ୱର, ୧୯।୧୨(ସମିସ): ଗୋଦାମରୁ ସ୍ପେୟାର ପାର୍ଟ୍ସ ଚୋରି ଘଟଣାରେ ବାପ-ପୁଅ ସମେତ ୩ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀସାଗର ମଣ୍ଡପ ସାହିର ନିରାକାର ପଟ୍ଟନାୟକ (୩୦), ବଡ଼ଗଡ଼ ଲକ୍ଷ୍ମୀବିହାରର କ୍ଷେତ୍ରମୋହନ ସ୍ୱାଇଁ (୪୩) ଓ ତାଙ୍କ ପୁଅ ଅଭିଷେକ ସ୍ୱାଇଁ (୨୦)। ଏହି ୩ ଜଣଙ୍କୁ ମିଶାଇ ଘଟଣାରେ ଗିରଫଦାରୀ ସଂଖ୍ୟା ୬ରେ ପହଞ୍ଚିଛି।

ପୁଲିସ ସୂଚନା ଅନୁସାରେ, ଲକ୍ଷ୍ମୀସାଗରରେ ଥିବା ସୋମ ଶେଖର ଆଚାରୀଙ୍କ ସ୍ପେୟାର ପାର୍ଟ୍ସ ଗୋଦାମରେ ନିରାକାର, କ୍ଷେତ୍ରମୋହନ ଓ ଅଭିଷେକ କାମ କରନ୍ତି। ଗତ ସେପ୍ଟେମ୍ବର ୨୧ ତାରିଖ ରାତିରେ ସୋମ ଗୋଦାମ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ନିରାକାର, କ୍ଷେତ୍ରମୋହନ, ଅଭିଷେକ, ମାନବ, ଆୟୁଷ ଓ ସନ୍ତୋଷ ମିଶି ଗୋଦାମରୁ ସ୍ପେୟାର ପାର୍ଟ୍ସ ଚୋରି କରି ନେଇଯାଇଥିଲେ। ସକାଳେ ଅଭିଯୋଗକାରୀ ଗୋଦାମ ଖୋଲିବା ପରେ ଚୋରି ହୋଇଥିବା ଜାଣି ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଥିଲେ। କର୍ମଚାରୀଙ୍କ ହାତ ଥିବା ଅଭିଯୋଗରେ ଦର୍ଶାଇଥିଲେ। ଲକ୍ଷ୍ମୀସାଗର ଥାନା ପୁଲିସ ଏକ ମାମଲା ରୁଜୁ କରି ମାନବ, ଆୟୁଷ ଓ ସନ୍ତୋଷଙ୍କୁ ଗିରଫ କରିଥିଲା। ଗୁରୁବାର ନିରାକାର, କ୍ଷେତ୍ରମୋହନ ଓ ଅଭିଷେକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଲକ୍ଷେ ଟଙ୍କାର ବ୍ରାଉନ୍‌ସୁଗର ଓ ବାଇକ୍ ଜବତ



ଭୁବନେଶ୍ୱର, ୧୯।୧୨(ସମିସ): ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଲ୍ଲୀ ବେହେରା ସାହିରେ ରହୁଥିବା ସନ୍ତୋଷ ସେଠୀ (୪୦)। ପୁଲିସ ସୂଚନା ଅନୁସାରେ, ସନ୍ତୋଷୀ ବିହାର ଅଞ୍ଚଳରେ ବ୍ରାଉନ୍‌ସୁଗର କାରବାର ଚାଲିଥିବା ଖବର ପାଇ ଲକ୍ଷ୍ମୀସାଗର ଥାନାର ଏକ ଟିମ୍ ଚଢ଼ଉ କରିଥିଲା। ସେଠାରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ସନ୍ତୋଷକୁ ଗିରଫ କରିଥିଲା। ଛାନ୍‌ଭିନ୍ ସମୟରେ ପୁଲିସ ତା' ହେପାଜତରୁ ମୋଟ୍ ୧୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଓ ଏକ ବାଇକ୍ ଜବତ କରିଥିଲା। ଏନେଇ ଲକ୍ଷ୍ମୀସାଗର ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ସନ୍ତୋଷକୁ କୋର୍ଟ ଚାଲାଣ କରିଛି।

## ହୋଟେଲରେ ଭଙ୍ଗାରୁଜା କରି ଗିରଫ



ଭୁବନେଶ୍ୱର, ୧୯।୧୨(ସମିସ): ଖାଇବାକୁ ନ ଦେବାରୁ ହୋଟେଲରେ ଭଙ୍ଗାରୁଜା କରି ଆତଙ୍କ ଖେଳାଇଥିବା ଗ୍ୟାଙ୍ଗର ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବେଗୁନିଆ ଥାନା ତଳଗଡ଼ର ଚନ୍ଦନ ସାହୁ (୨୪)।

ପୁଲିସ ସୂଚନା ଅନୁସାରେ, ଗତ ୮ ତାରିଖ ରାତି ପ୍ରାୟ ୧୧ଟା ୪୫ରେ ଚନ୍ଦନ ଓ ତା'ର ସହଯୋଗୀ ବ୍ଲୁ ହୁଇଲ୍ ହସ୍ପିଟାଲ ନିକଟସ୍ଥ ହୋଟେଲକୁ ଯାଇ ଖାଇବାକୁ ମାଗିଥିଲେ। ହୋଟେଲ ବନ୍ଦ ହୋଇ ଯାଇଥିବାରୁ କର୍ମଚାରୀ ଖାଇବାକୁ ଦେବା ନିମନ୍ତେ ମନା କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ୨ଜଣ ଯାକ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ ଚନ୍ଦନ ଓ ତା'ର ଦୁଇ ସହଯୋଗୀଙ୍କ ସହ ମିଶି ଖଣ୍ଡା ଏବଂ ଲୁହାଛଡ଼ ନେଇ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ଥିବା ବାଇକ୍ ଓ ଗୋଟିଏ ସ୍କୁଟିକୁ ଭଙ୍ଗାରୁଜା କରିଥିଲେ। ହୋଟେଲ କର୍ମଚାରୀମାନେ ଏହାର ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଭୟଭୀତ ହୋଇ କର୍ମଚାରୀମାନେ ହୋଟେଲ ଭିତରକୁ ଚାଲିଯାଇ ଆକ୍ରମଣରୁ ନିଜକୁ ବଞ୍ଚାଇ ନେଇଥିଲେ। ଏହାପରେ ଅଭିଯୁକ୍ତମାନେ ହୋଟେଲରେ ନିଆଁ ଲଗାଇବାର ଧମକ ଦେଇ ସେଠାରୁ ଚାଲିଯାଇଥିଲେ। ହୋଟେଲ କର୍ମଚାରୀ ଅଭିମନ୍ୟୁ ସାହୁ ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ଚନ୍ଦନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର୍ ରହିଛନ୍ତି।

**ନୂଆ ନ୍ୟାୟିକ ସୌଧରେ ପ୍ରଥମ ଦଣ୍ଡବିଧାନ**

## ଦୁଇ ଗଞ୍ଜେଇ ବେପାରୀଙ୍କୁ ୨୦ବର୍ଷ ଲେଖାଏଁ ଜେଲ୍

ଭୁବନେଶ୍ୱର, ୧୯।୧୨(ସମିସ): ଭୁବନେଶ୍ୱର ଏଡିଜେ କୋର୍ଟର ନୂଆ ସୌଧରେ ପ୍ରଥମ ଦଣ୍ଡବିଧାନ କରାଯାଇଛି। ଗଞ୍ଜେଇ କାରବାରରେ ସମ୍ପୃକ୍ତି ରହିଥିବା ଦୁଇ ବେପାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ବୋଲଗଡ଼ର ପରମାନନ୍ଦ ସୁବୁଦ୍ଧି ଓ ଖୋର୍ଦ୍ଧାର ସମିମ୍ ଖାନ୍‌ଙ୍କୁ ୨୦ବର୍ଷ ଲେଖାଏଁ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯାଇଛି। ଭୁବନେଶ୍ୱର ଏଡିଜେ-୨ର ବିଚାରପତି ବନ୍ଦନା କର ଏହି ଐତିହାସିକ ରାୟ ଶୁଣାଇଛନ୍ତି।



ଅଭିଯୋଗ ଅନୁଯାୟୀ, ଦୁଇ ନିଶା ବେପାରୀ ଏକ କାର୍‌ରେ ଗଞ୍ଜେଇ ଚାଲାଣ କରୁଥିଲେ। ୨୦୨୨ ମାର୍ଚ୍ଚ ୯ ତାରିଖରେ ସାଇନା ସୋ'ରୁମ୍ ନିକଟରେ ୧ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତି ରହିଥିବା ପରମାନନ୍ଦ ଓ ସମିମ୍‌ଙ୍କୁ ତମାଣ୍ଡୋ ଥାନା ପୁଲିସ ଗିରଫ କରିଥିଲା। ତମାଣ୍ଡୋ ଥାନାରେ ମାମଲା ରୁଜୁ କରାଯିବା ସହ ଏସ୍‌ଆଇ ସନ୍ତୋଷ ନାୟକଙ୍କୁ ହସ୍ତାନ୍ତର କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଏହି ମାମଲାକୁ ସଠିକ୍ ଭାବେ ତଦନ୍ତ କରିବା ସହିତ ଅଭିଯୁକ୍ତ ପରମାନନ୍ଦ ଓ ସମିମ୍‌ଙ୍କ ବିରୋଧରେ ନିର୍ଦ୍ଧାରିତ ସମୟରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ୧୨ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ ଦୁଇ ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ ସହ ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ୧ବର୍ଷ ଅଧିକ କାରାଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ନବନିର୍ମିତ ଅଦାଲତ ଗୃହରେ ଏହା ହେଉଛି ପ୍ରଥମ ଦିନର ପ୍ରଥମ ଦଣ୍ଡାଦେଶ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସଲିଳ କୁମାର ପ୍ରଧାନ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ସମୁଦାୟ ୮୨ଟି ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇ ସାରିଥିବାବେଳେ ଚଳିତ ବର୍ଷ ଏଯାବତ୍ ୯୧ଟି ମାମଲାରେ ଦୋଷୀଙ୍କୁ ସଜା ହୋଇଛି।

## ଭଗବାନଙ୍କ ଭରସାରେ ଭୁବନେଶ୍ୱର ଟ୍ରାଫିକ୍

ଭୁବନେଶ୍ୱର, ୧୯।୧୨(ସମିସ): ରାଜଧାନୀରେ ଟ୍ରାଫିକ୍ ବ୍ୟବସ୍ଥା ଦିନକୁ ଦିନ ଯେତିକି ଅବ୍ୟବସ୍ଥିତ ହେଉଛି ଟ୍ରାଫିକ୍ କର୍ମଚାରୀମାନେ ମଧ୍ୟ ସେତିକି ବିଶୃଙ୍ଖଳିତ ହେଉଛନ୍ତି। ବିଳମ୍ବରେ ପୋଷ୍ଟରେ ପହଞ୍ଚିବାଠାରୁ ଆରମ୍ଭ କରି ଡ୍ୟୁଟିବେଳେ ମୋବାଇଲ୍ ବ୍ୟବହାର କରିବା ପର୍ଯ୍ୟନ୍ତ। ଟ୍ରାଫିକ୍ କର୍ମଚାରୀଙ୍କ ବିରୋଧରେ ଏଭଳି ଅଭିଯୋଗର ଫର୍ଦ୍ଦ ବେଶ୍ ଲମ୍ବା। ଟ୍ରାଫିକ୍ କର୍ମଚାରୀଙ୍କ ଏପରି ଆଚରଣ ରାଜଧାନୀରେ ଟ୍ରାଫିକ୍ ବ୍ୟବସ୍ଥାକୁ ଢେର୍ କ୍ଷତି ପହଞ୍ଚାଉଛି। କେଉଁଠି ୫ ମିନିଟ୍‌ର ରାସ୍ତାକୁ ଅଧଘଣ୍ଟା ଲାଗିଲାଣି ତ ଆଉ କେଉଁଠି ଦୁର୍ଘଟଣା ଘଟିଲାଣି। ତେବେ ଏସବୁରେ ରୋକ୍ ଲଗାଇ ଟ୍ରାଫିକ୍‌କୁ ବ୍ୟବସ୍ଥିତ କରିବା ପାଇଁ ନୂଆ ପଦକ୍ଷେପ ନିଆଯାଇଛି। ଭୁବନେଶ୍ୱର ଓ କଟକରେ ଥିବା ଟ୍ରାଫିକ୍ ଥାନାର ଅଧିକାରୀଙ୍କୁ ଚିଠି ଲେଖିଛନ୍ତି ଟ୍ରାଫିକ୍ ଡିସିପି ତପନ କୁମାର ମହାନ୍ତି।

ଦ୍ୱୈତ ନଗରୀରେ ଗାଡ଼ି ସଂଖ୍ୟା ବୃଦ୍ଧି ସାଙ୍ଗକୁ ରାସ୍ତା ସଙ୍କୁଚିତ ହେବା ବର୍ତ୍ତମାନ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏଥିଲାଗି ଟ୍ରାଫିକ୍ ସମସ୍ୟା ବା ପରିଚାଳନାଗତ ତ୍ରୁଟି ମଧ୍ୟ ସାମ୍ନାକୁ ଆସୁଛି। ବିଶେଷ କରି ସ୍କୁଲ, କଲେଜ ଓ ଅଫିସ୍ ଖୋଲା ହେବା ଏବଂ ଛୁଟି ହେବା ସମୟରେ ବେଶୀ ଭିଡ଼ ପରିଲକ୍ଷିତ ହେଉଛି। ତେବେ ଭିଡ଼ ନିୟନ୍ତ୍ରଣ ଲାଗି ଭୁବନେଶ୍ୱର ଓ କଟକର ବିଭିନ୍ନ ଛକରେ ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ଦୁଇଟି ସିଫ୍ଟରେ ଟ୍ରାଫିକ୍ ପୁଲିସ ମୁତୟନ କରାଯାଉଛି। ହେଲେ ଅନେକ ଟ୍ରାଫିକ୍ ପୋଷ୍ଟରେ ସକାଳ ୭ ପର୍ଯ୍ୟନ୍ତ ମଧ୍ୟ ଟ୍ରାଫିକ୍ କର୍ମଚାରୀ ପହଞ୍ଚୁ ନାହାନ୍ତି। ଡ୍ୟୁଟି ପରିବର୍ତ୍ତେ ମୋବାଇଲ୍ ବ୍ୟବହାର କରିବା କଥା ମଧ୍ୟ ସାମ୍ନାକୁ ଆସୁଛି। କିଛି ପୁରୁଷ ଟ୍ରାଫିକ୍ କର୍ମଚାରୀ ସୌଖିନ ଦାଢ଼ି ରଖୁଥିବା ଉପରିସ୍ଥ ଅଧିକାରୀଙ୍କ ନଜରକୁ ଆସିଛି। ଖାଲି ଏତିକି ନୁହେଁ, ଦ୍ୱିତୀୟ ସିଫ୍ଟରେ ମୁତୟନ ହେଉଥିବା କିଛି ଟ୍ରାଫିକ୍ କର୍ମଚାରୀ ରାତି ୧୦ଟା ପୂର୍ବରୁ ଟ୍ରାଫିକ୍ ପୋଷ୍ଟ ଛାଡ଼ି ପଳାଉଛନ୍ତି। ଖୋଦ୍ ଟ୍ରାଫିକ୍ କର୍ମଚାରୀଙ୍କ ଏପରି ବିଶୃଙ୍ଖଳା ଟ୍ରାଫିକ୍ ପରିଚାଳନାରେ ବ୍ୟାଘାତ ସୃଷ୍ଟି କରୁଛି। ସେମାନଙ୍କ ଅବହେଳା ପାଇଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟାଠାରୁ ଆରମ୍ଭ କରି ଦୁର୍ଘଟଣା ମଧ୍ୟ ଘଟୁଛି। ଭବିଷ୍ୟତରେ ଏପରି ସମସ୍ୟାକୁ ଏଡ଼ାଇବା ପାଇଁ ଟ୍ରାଫିକ୍ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏନେଇ ଟ୍ରାଫିକ୍ ଡିସିପି ସେମାନଙ୍କୁ ଚିଠି ଲେଖି ତାଗିଦ୍ କରିବା ସହିତ କଡ଼ା ଚେତାବନୀ ଦେଇଛନ୍ତି। ଟ୍ରାଫିକ୍ ପୋଷ୍ଟରେ ମୁତୟନ ହେଉଥିବା ହାବିଲ୍‌ଦାର, କନେଷ୍ଟବଳ, ଓଏପିଏଫ୍ ଓ ଗୃହରକ୍ଷୀମାନେ ସକାଳ ୬ଟା ପୂର୍ବରୁ ପୋଷ୍ଟରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦ୍ୱିତୀୟ ସିଫ୍ଟରେ ମୁତୟନ କର୍ମଚାରୀମାନେ ଅପରାହ୍ଣ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପୋଷ୍ଟରେ ରହିବାକୁ କୁହାଯାଇଛି। ଡ୍ୟୁଟି ବେଳେ ମୋବାଇଲ୍ ବ୍ୟବହାର କରୁଥିବା କର୍ମଚାରୀଙ୍କୁ ତାଗିଦ୍ କରିବା ସହିତ ଭବିଷ୍ୟତରେ ଏପରି ନ କରିବାକୁ ଚେତାବନୀ ଦେଇଛନ୍ତି। ଡ୍ୟୁଟି ସମୟରେ ଟୋପି ଓ ଗ୍ଲୋବ୍‌ସ ବ୍ୟବହାର କରିବାକୁ କୁହାଯାଇଥିବା ବେଳେ ପୁରୁଷ ଟ୍ରାଫିକ୍ କର୍ମଚାରୀମାନଙ୍କୁ ଶୃଙ୍ଖଳିତ ହେବାକୁ କୁହାଯାଇଛି। ଟ୍ରାଫିକ୍ ଡିସିପି ଶ୍ରୀ ମହାନ୍ତି ଭୁବନେଶ୍ୱର ଓ କଟକର ସମସ୍ତ ଟ୍ରାଫିକ୍ ଥାନା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି।

### ବେଫିକର ଟ୍ରାଫିକ୍ କର୍ମଚାରୀ
### ବିଳମ୍ବରେ ଆସୁଛନ୍ତି; ମୋବାଇଲ୍‌କୁ ଚାହିଁ ବସୁଛନ୍ତି
### ଚିଠି ଲେଖି ଚେତାଇଲେ ଟ୍ରାଫିକ୍ ଡିସିପି



## ମଲ୍‌ରୁ ଚୋରିକରି ଦୁଇ ଗିରଫ



ଭୁବନେଶ୍ୱର, ୧୯।୧୨(ସମିସ): ମଲ୍‌ରୁ ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଆନନ୍ଦପୁର ଥାନା ଅନ୍ତର୍ଗତ ମୁଗୁପୁରର ଦୀପକ ସାହୁ (୨୪) ଓ ଯଶୋବନ୍ତପୁରର ରାକେଶ ସାହୁ (୨୧)। ଉଭୟ ତମାଣ୍ଡୋ ଥାନା ଅନ୍ତର୍ଗତ ବାଲିଆପଡ଼ା ଅଞ୍ଚଳରେ ରହୁଛନ୍ତି। ପୁଲିସ ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟା ସମୟରେ ଦୀପକ ଓ ରାକେଶ ନୂଆପଲ୍ଲୀ ସ୍ଥିତ ସ୍ମାର୍ଟ ବଜାର ମଲ୍‌କୁ ଯାଇଥିଲେ। ସେଠାରୁ ବିଭିନ୍ନ ମ୍ୟାଗି, ତେଲ, ଚକୋଲେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ସବୁକୁ କୌଶଳ କ୍ରମେ ଚୋରିକରି ନେଇ ଯାଇଥିଲେ। ଚୋରି ହୋଇଥିବା ଜାଣି ମଲ୍‌ର ଆସିଷ୍ଟାଣ୍ଟ ସେଲ୍ସ ମ୍ୟାନେଜର ଏନେଇ ନୂଆପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରି ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହିତ ସିଆର୍‌ପି ଛକରୁ ଉଭୟଙ୍କୁ କାବୁ କରିଥିଲା। ସେମାନଙ୍କ ହେପାଜତରୁ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଜବତ କରିଥିଲା।

## ଗୋଡ଼ରେ ଶାବଳ ପୂରାଇବା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ


ଭୁବନେଶ୍ୱର, ୧୯।୧୨(ସମିସ): ଜମି କିଣାବିକାକୁ କେନ୍ଦ୍ରକରି ବରିମୁଣ୍ଡ ଗ୍ରାମର ସନ୍ତୋଷ ପଣ୍ଡା (୪୨)ଙ୍କୁ ଅପହରଣ କରି ଗୋଡ଼ରେ ଶାବଳ ପୂରାଇବା ଘଟଣାରେ ମଞ୍ଚେଶ୍ୱର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପାଣ୍ଡରା, ଅରବିନ୍ଦ ନଗରର ଆର୍. ଲୋକନାଥ ପାତ୍ର। ତାଙ୍କ ନିକଟରୁ ଅପରାଧରେ ବ୍ୟବହୃତ ହୋଇଥିବା ଧଳା ରଙ୍ଗର ସ୍କର୍ପିଓକୁ ଜବତ କରାଯାଇଛି। ପୂର୍ବରୁ ୫ଜଣଙ୍କୁ ପୁଲିସ ଗିରଫ କରିଛି।

ସୂଚନା ଅନୁସାରେ, ଗତ ୧ତାରିଖ ଅପରାହ୍ଣ ସାଢ଼େ ୪ଟା ସମୟରେ ଲୋକନାଥ ଦୁଇ ଜଣ ସାଙ୍ଗଙ୍କୁ ଧରି ରସୁଲଗଡ଼ ଅଞ୍ଚଳରେ ଥିବା ସେଲ୍‌ଫ ଡ୍ରାଇଭ୍ ଅଫିସକୁ ଯାଇଥିଲେ। ସେଠାରୁ ଏକ ସ୍କର୍ପିଓ ଭଡ଼ାରେ ନେଇ ହାଇଟେକ୍ ଛକ ନିକଟରୁ ଅନ୍ୟ ୬ଜଣ ସହଯୋଗୀଙ୍କୁ ସାଙ୍ଗରେ ନେଇ ଜରିପାଟଣାରେ ଥିବା ବାଲିଯାତ୍ରା ପଡ଼ିଆ ନିକଟକୁ ଯାଇଥିଲେ। ତାଙ୍କୁ ମାରଣାସ୍ତ୍ର ଦେଖାଇ ସେଠାରୁ ଅପହରଣ କରି ଗଣ୍ଡରପୁର ପଠାକୁ ନେଇଥିଲେ। ସନ୍ତୋଷ ଜମିଜମା କାରବାର କରନ୍ତି। ଏକ ଜମିକୁ ନେଇ ବିବାଦ ରହିଥିଲା। ଏହି ରାଗ ରଖି ଗଣ୍ଡରପୁର ପଡ଼ିଆରେ ଜମି କଥାକୁ ନେଇ ଝଗଡ଼ା ହୋଇଥିଲା। ଅଭିଯୁକ୍ତମାନେ ତାଙ୍କୁ ୫ଲକ୍ଷ ଟଙ୍କା ଦେବାକୁ କହିଥିଲେ। ସନ୍ତୋଷ ଦେବାକୁ ମନା କରିବାରୁ ସେମାନେ ଏକ ଶାବଳରେ ସନ୍ତୋଷଙ୍କ ଗୋଡ଼କୁ ପିଟି ପିଟି ଭାଙ୍ଗି ଦେଇଥିଲେ। ଜୀବନ ବିକଳରେ ସନ୍ତୋଷ ଦୌଡ଼ିଥିଲେ ମଧ୍ୟ ଅଭିଯୁକ୍ତମାନେ ଗୋଡ଼ାଇ ଗୋଡ଼ାଇ ପଟିଥିଲେ। ଶେଷରେ ଗୋଡ଼ରେ ଶାବଳ ପୂରାଇ ଦୁଇଟି କଣା କରିଦେଇଥିଲେ। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ଗଣ୍ଡରପୁର ପଠାକୁ କିଛି ଲୋକ ଶୌଚ ପାଇଁ ଯାଉଥିଲେ। ଏହି ସମୟରେ ଚିତ୍କାର ସହ ଗୁଳି ଫୁଟିଲା ଭଳି ଶବ୍ଦ ଶୁଣିବାକୁ ପାଇଥିଲେ। ଏହା ଶୁଣି ଲୋକମାନେ ତୁରନ୍ତ ଦୌଡ଼ିଗଲା ବେଳକୁ ୮ଜଣ ଦୁର୍ବୃତ୍ତ ସେମାନଙ୍କୁ ବନ୍ଧୁକ ଓ ଧାରୁଆ ଅସ୍ତ୍ର ଧରି ଗୋଡ଼ାଇଥିଲେ। ଏମାନେ ପାଟି କରିବାରୁ ସ୍ଥାନୀୟ କିଛି ଲୋକ ସେଠାକୁ ଆସିଥିଲେ। ଏହା ଦେଖି ୮ଜଣ ଦୁର୍ବୃତ୍ତ ଦୌଡ଼ି କିଛି ଦୂରରେ ରଖିଥିବା ଚାରି ଚକିଆ ଗାଡ଼ିରେ ଫେରାର୍ ହୋଇଯାଇଥିଲେ। ଏନେଇ ଥାନାରେ ସନ୍ତୋଷଙ୍କ ପତ୍ନୀ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ୬ଜଣଙ୍କୁ ଗିରଫ କଲାଣି।

### ସେଲ୍‌ଫ ଡ୍ରାଇଭ୍‌ରୁ ଗାଡ଼ି ନେଇ ଅପରାଧରେ ବ୍ୟବହାର କରିଥିଲେ

ORMAS
(Odisha Rural Development and Marketing Society) Panchayati Raj Department, Govt of Odisha

**ଦକ୍ଷତା ବିକାଶ**



ମୁଁ **ପ୍ରଭାକର ବିର** । ମୋ ଘର ଗଜପତି ଜିଲ୍ଲା ଅନ୍ତର୍ଗତ କାଶୀନଗର ବ୍ଲକ୍ ର ସିଦ୍ଧାମତଙ୍ଗ ଗାଁ ରେ । ମୁଁ +୨ ଉତ୍ତୀର୍ଣ୍ଣ ହେଲା ପରେ ମୁଁ ଏବଂ ଆମ ପରିବାର ନିଜ ଗାଁ ରେ ଛୋଟ ମୋଟ କାମ କରି ବଞ୍ଚି ଯାଉଥିଲୁ । ୨୦୧୮ ମସିହାର ଅକ୍ଟୋବର ମାସ ୧୮ ତାରିଖ ପ୍ରକୃତିର ସେଇ ତାଣ୍ଡବ ଲୀଳା "ତିତିଲି ମହାବାତ୍ୟା" ଆମର ସେଇ ଛୋଟ ମୋଟ ରୋଜଗାରକୁ ଠପ କରିଦେଇଥିଲା। ମୁଁ ଓରମାସ ଦ୍ୱାରା **ଡିଡିୟୁ-ଜିକେୱାଇ ସିକ୍ୟୁରିଟି ଗାର୍ଡ** ରେ ତାଲିମ ନେବା ପାଇଁ ଗଲି । ମୁଁ ତାଲିମ ଶେଷ କରିବାପରେ ମୁଁ ହାଇଦରାବାଦର ବିମାନ ବନ୍ଦରରେ ସିକ୍ୟୁରିଟି ଗାର୍ଡ ଚାକିରି ରେ ନିଯୁକ୍ତି ହେଲି । ସେଠାରେ ମୁଁ ପ୍ରଥମେ ମାସକୁ ପ୍ରାୟ ୧୨,୦୦୦/- ଟଙ୍କା ପାଇଲି। ମୋର କିଛି ଅଭିଜ୍ଞତା ହେଲା ପରେ ମୁଁ ସେ ଚାକିରି ଛାଡିଦେଇ ବର୍ତ୍ତମାନ ଇଣ୍ଡିଗୋ ଏୟାର ଲାଇନ୍ସ ରେ ମାସିକ ୩୦,୦୦୦/- ଟଙ୍କା ପାଉଛି। ସରକାରଙ୍କର ଏହି ଯୋଜନା ପାଇଁ ଆଜି ମୁଁ ଏହି ସଫଳତା ପାଇପାରିଛି । ତେଣୁ ମୁଁ ଜିଲ୍ଲା ପ୍ରଶାସନକୁ ମୁଁ ଅନେକ ଅନେକ ଧନ୍ୟବାଦ ଜଣାଉଛି ।

**ଜୀବିକା**

ଓରମାସ୍ ସହାୟତାରେ ଗଜପତି ଜିଲ୍ଲାର ରା. ଉଦୟଗିରି ବ୍ଲକର ରାମଗିରି ଠାରେ ଏକ ହଳଦୀ ଉତ୍ପାଦକ କେନ୍ଦ୍ର ସ୍ଥାପନ କରାଯାଇଅଛି । ଯେଉଁ ଉତ୍ପାଦକ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨୧୫ ଜଣ ମହିଳା ଓ ହଳଦୀ ଚାଷୀ ଉପକୃତ ହେବେ । ତତ୍ ସଙ୍ଗେ ସଙ୍ଗେ ରା. ଉଦୟଗିରି ବ୍ଲକ ଓ ଗୁମ୍ମା ବ୍ଲକରେ ଗ୍ରାମୀଣ ଉଦ୍ୟୋଗ ପାର୍କ ଗଠନ କରିବାକୁ ଯୋଜନା କରାଯାଇଅଛି । ଏହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ମହିଳାମାନେ ଉପକୃତ ହେବା ସହ SHG କୁ SME ରେ ପରିଣତ କରିବା ପାଇଁ ମୁଖ୍ୟ ଲକ୍ଷ୍ୟ । ମୁଖ୍ୟ ମନ୍ତ୍ରୀ ମକା ମିଶନ ଯୋଜନାରେ ମୋହନା ଓ ରା. ଉଦୟଗିରି ବ୍ଲକରେ ଦୁଇଟି ମକା FPO ଓ ଗୋଟିଏ ମକା ପ୍ରକ୍ରିୟା କରଣ କେନ୍ଦ୍ର କରିବା ପାଇଁ ଯୋଜନା କରାଯାଇଅଛି ।





**ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଉଚ୍ଛେଦ**

# ଉପାସରେ ୨ହଜାର ପରିବାର



**ଥଇଥାନ ନ କରି ଉଚ୍ଛେଦ କରୁଛି ପ୍ରଶାସନ**

**ବ୍ୟବସାୟୀଙ୍କୁ ଘାରୁଛି ପେଟ ଚିନ୍ତା**

ଭୁବନେଶ୍ୱର,୧୯।୧୨(ସମିସ): ଆସନ୍ତା ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏଥିପାଇଁ ରାଜଧାନୀର ୫୬ଟି ରାସ୍ତାରୁ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ବିଏମ୍‌ସି ଓ ବିଡିଏର ମିଳିତ ସ୍କ୍ୱାଡ୍ ଲାଗିପଡ଼ିଛନ୍ତି। ଗତ ୭ ଦିନ ଭିତରେ ୬୭ଟି ୱାର୍ଡରୁ ପାଖାପାଖି ୨ହଜାରରୁ ଅଧିକ ଦୋକାନୀଙ୍କୁ ଉଚ୍ଛେଦ କରିସାରିଲେଣି। ଏଭଳି ଯଦି ଉଚ୍ଛେଦ ଜାରି ରହିବ, ତେବେ ୧୦ହଜାରରୁ ଊର୍ଦ୍ଧ୍ୱ ଦୋକାନୀଙ୍କ ଜୀବନଜୀବିକା ବୁଡ଼ିଯିବ। ଉଚ୍ଛେଦ ହେଉଥିବା ଅଞ୍ଚଳରେ ସ୍ଥାନୀୟ ବିଧାୟକ ଦୋକାନୀମାନଙ୍କ ଦୁଃଖକୁ ହୃଦ୍‌ବୋଧ କରି ଏହାକୁ ଘୋର୍ ବିରୋଧ କରୁଛନ୍ତି। ଏହା ସତ୍ତ୍ୱେ ବିଏମ୍‌ସି ଅଧିକାରୀ ଶୁଣୁ ନ ଥିବା ଅଭିଯୋଗ ହେଉଛି। ତେଣୁ ଉଚ୍ଛେଦ ସମ୍ପୂର୍ଣ୍ଣ ରୂପେ ବନ୍ଦ ନ କଲେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ମହାସଂଘ ବଡ଼ ଧରଣର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ମହାସଂଘର ଅଭିଯୋଗ ହେଉଛି, ରାଜଧାନୀରେ ଯେତେବେଳେ ବି କୌଣସି ବଡ଼ଧରଣର କାର୍ଯ୍ୟକ୍ରମ ହେଉଛି, ସେତେବେଳେ ଉଠାଦୋକାନୀମାନଙ୍କ ଉପରେ ଏଭଳି ଅମାନୁଷିକ ଅତ୍ୟାଚାର କରାଯାଉଛି। ଗତ ବର୍ଷ ହକି ବିଶ୍ୱକପ୍ ପାଇଁ ୫ହଜାର ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ପରେ ପୁଣି ସେହି ଦୋକାନୀମାନଙ୍କୁ ବିଏମ୍‌ସି ଓ ବିଡିଏ ଅଧିକାରୀମାନେ ମୋଟା ଅଙ୍କର ହାତଗୁଞ୍ଜା ନେଇ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ବ୍ୟବସାୟ କରିବାକୁ ସୁଯୋଗ ଦେଇଥିଲେ। ଏଥିରେ ଦୋକାନୀ ଶୋଷଣର ଶିକାର ହେଉଥିବାବେଳେ ଅଧିକାରୀମାନେ ପକେଟ୍ ଗରମ କରୁଛନ୍ତି। ଏହା ଉପରେ ବିଏମ୍‌ସି ଓ ବିଡିଏର କେବେ ଦୃଷ୍ଟି ପଡ଼ିବ ବୋଲି ମହାସଂଘ ପ୍ରଶ୍ନ କରିଛି। ଉଠାଦୋକାନ ରହିଲେ ଯଦି ସମସ୍ୟା ହେଉଛି, ଏହି ବ୍ୟବସାୟୀମାନଙ୍କ ପାଇଁ ସ୍ଥାୟୀ ଦୋକାନ ନିର୍ମାଣ କରିବା ଦିଗରେ ସରକାର କାହିଁକି ପଦକ୍ଷେପ ନେଉନାହାନ୍ତି। ଦୋକାନୀଙ୍କ ଉପରେ ଏଭଳି ଅତ୍ୟାଚାର ଲାଗିରହିଲେ, ଆଗାମୀ ଦିନରେ ପିଲାଛୁଆଙ୍କୁ ଧରି ରାସ୍ତା ଉପରେ ବସିବୁ ବୋଲି ମହାସଂଘ କର୍ତ୍ତୃପକ୍ଷ ଚରମବାଣୀ ଶୁଣାଇଛନ୍ତି।





ସୂଚନାନୁସାରେ, ଗତ ୭ ଦିନ ଭିତରେ ୱାର୍ଡ ନମ୍ବର ୧, ୨ ଓ ୩ରୁ ପାଖାପାଖି ୩୦୦ ଦୋକାନ ଉଚ୍ଛେଦ ହୋଇଛି। ସେହିଭଳି ଚନ୍ଦ୍ରଶେଖରପୁର ଜାଭିୟର୍ ଛକରେ ୭୦ ଦୋକାନ, କଳିଙ୍ଗ ଷ୍ଟୁଡିଓ ଛକରୁ ୧୫୦ ଦୋକାନ, ମାଷ୍ଟରକ୍ୟାଣ୍ଟିନ୍ ଛକରୁ ୧୦୦ ଦୋକାନ, ଗୋପବନ୍ଧୁ ଛକରୁ ୫୦ ଦୋକାନ, ଲିଙ୍ଗରାଜ ମନ୍ଦିର ଅଞ୍ଚଳରୁ ୧୦୦ରୁ ଅଧିକ ଦୋକାନ ସହ ସହର ଭିତରୁ ପାଖାପାଖି ୨ହଜାର ବ୍ୟବସାୟୀ ନିଜର ବେଉସା ହରାଇଛନ୍ତି। ଗୋପବନ୍ଧୁ ଛକରେ ପାନ ଦୋକାନ କରିଥିବା ବ୍ୟବସାୟୀ ଦିଗମ୍ବର ସାହୁ କହିଛନ୍ତି, ଗତ ୬ ମାସ ଭିତରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଆମକୁ ଦିନେ ଦୁଇ ଦିନ ଦୋକାନ ବନ୍ଦ କରିବାକୁ କୁହାଯାଉଥିଲା। ସେତେବେଳେ ବହୁ କଷ୍ଟରେ ଚଳିବାକୁ ପଡୁଥିଲା। ଏବେ ଆମ ଦୋକାନ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦେଇଛନ୍ତି। ଆମେ ଚାରିପ୍ରାଣୀ କୁଟୁମ୍ବ କେମିତି ଚଳିବୁ ସେ ଚିନ୍ତା ଏବେ ଆମକୁ ଘାରୁଛି। ଏସି ରୁମ୍‌ରେ ବସି ନିଷ୍ପତ୍ତି ନେଉଥିବା ବାବୁମାନେ ଆମ ଦୁଃଖ କେବେ ବୁଝିପାରିବେନି। ରୋଜଗାର ହରାଇବା ଦୁଃଖରେ ଅତି ମ୍ରିୟମାଣ ହୋଇ ଦିଗମ୍ବର ଏଭଳି କହିଛନ୍ତି। କେବଳ ସେ ଏକା ନୁହନ୍ତି, ତାଙ୍କ ଭଳି ହଜାର ହଜାର ବ୍ୟବସାୟୀଙ୍କୁ ଏବେ ପେଟ ଚିନ୍ତା ଘାରୁଛି। ଏ ନେଇ ମହାସଂଘ ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି, ସ୍ୱ-ରୋଜଗାର କରୁଥିବା ବ୍ୟକ୍ତିମାନଙ୍କୁ ଏଭଳି ଥଇଥାନ ନ କରି ଉଚ୍ଛେଦ କରିବା ପାଇଁ ଖୋଦ୍ ସୁପ୍ରିମ୍‌କୋର୍ଟ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ସମ୍ବିଧାନର ଧାରା ୧୯(୧)(ଛ)ରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ହେଲେ ବିଏମ୍‌ସି-ବିଡିଏ ଏହାକୁ ସାମାନ୍ୟତମ ଭ୍ରୂକ୍ଷେପ କରୁନାହାନ୍ତି। ବୁଧବାର ଆମେ କିଛି ସ୍ଥାନରେ ବିରୋଧ କରି ଉଚ୍ଛେଦ ରୋକିବାରେ ସଫଳ ହୋଇଛୁ। ହେଲେ ସବୁ ଜାଗାରେ ତ ଆମେ ପହଞ୍ଚି ପାରିବୁନି। ତେଣୁ ଏହା ନଗର ଉନ୍ନୟନ ମନ୍ତ୍ରୀ ଏକ ସ୍ଥାୟୀ ନିଷ୍ପତ୍ତି ନେବା ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାସ୍ତାକଡ଼ରେ ଉଠାଦୋକାନ ରହିବା ଯୋଗୁଁ କାର୍ଯ୍ୟକ୍ରମ ସମୟରେ ବିଭିନ୍ନ ଅସୁବିଧା ହେବ। ତେଣୁ ଆମକୁ ନିର୍ଦ୍ଦେଶ ଅଛି, ଆମେ ଉଚ୍ଛେଦ କରୁଛୁ। ଥଇଥାନ ପାଇଁ ଆମ ପାଖରେ କୌଣସି ବ୍ୟବସ୍ଥା ନାହିଁ। ତେଣୁ ଆମେ କିଛି କରିପାରିବୁନି ବୋଲି ସେ କହିଛନ୍ତି।

## ଦାବି ପୂରଣ ନେଇ ରାସ୍ତାକୁ ଓହ୍ଲାଇବେ ଆୟୁଷ ଡାକ୍ତର

ଭୁବନେଶ୍ୱର,୧୯।୧୨(ସମିସ): ଚାକିରିର ସ୍ଥାୟିତ୍ୱ, ସମାନ କାମକୁ ସମାନ ଦରମା, ୧୧ମାସିଆ ଚୁକ୍ତିର ସମ୍ପୂର୍ଣ୍ଣ ଉଚ୍ଛେଦ ଓ ଅବସରକାଳୀନ ସମ୍ପୂର୍ଣ୍ଣ ରାଶି ପ୍ରଦାନ ଆଦି ୧୦ ଦଫା ଦାବି ନେଇ ଶୁକ୍ରବାର ରାସ୍ତାକୁ ଓହ୍ଲାଇବ ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି। ରାଜ୍ୟବ୍ୟାପୀ ଆୟୁଷ ଡାକ୍ତରମାନେ ନିରବଚ୍ଛିନ୍ନ ସେବା ଯୋଗାଇ ଆସୁଥିଲେ ହେଁ ସରକାର ସେମାନଙ୍କ ଦାବି ପୂରଣ କରୁନାହାନ୍ତି। ସେମାନଙ୍କୁ ବହୁ ବର୍ଷ ଧରି ଅଣଦେଖା କରାଯାଇ ଆସୁଛି। ତେଣୁ ସେମାନେ ତାଙ୍କର ହକ୍ ପାଇଁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିବେ। ତୁରନ୍ତ ସରକାର ତାଙ୍କ ଦାବି ଉପରେ ବିଚାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବେ ବୋଲି କମିଟିର ଅଧ୍ୟକ୍ଷ ବିଶ୍ୱରଞ୍ଜନ ଜେନା ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

## ସୁନା ଫେରାଇଥିବା ବିଏମ୍‌ସି କର୍ମଚାରୀ ସମ୍ବର୍ଦ୍ଧିତ



ଭୁବନେଶ୍ୱର,୧୯।୧୨(ସମିସ): ଅଳିଆ ଗଦାରୁ ପାଇଥିବା ସ୍ୱର୍ଣ୍ଣ ଅଳଙ୍କାର ଫେରାଇ ନିଜର ମହନୀୟତା ଦେଖାଇଥିବା ସ୍ୱଚ୍ଛ କର୍ମୀ ସରସ୍ୱତୀ ନାୟକ ଏବଂ ସବିତା ଜେଠିଙ୍କୁ ମେୟର ସୁଲୋଚନା ଦାସ ଓ କମିସନର ରାଜେଶ ପ୍ରଭାକର ପାଟିଲ ସମ୍ବର୍ଦ୍ଧିତ କରିଛନ୍ତି। ଗୁରୁବାର ବିଏମ୍‌ସି କାର୍ଯ୍ୟାଳୟରେ ଉଭୟଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଗତ ୧୬ ତାରିଖ ଦିନ ୟୁନିଟ୍-୧ ସ୍ଥିତ ଏମ୍‌ଆର୍‌ଏଫ୍‌ରେ ବର୍ଜ୍ୟ ପୃଥକୀକରଣ କରୁଥିବାବେଳେ ୧୮ଗ୍ରାମ୍ ଓଜନର ଏକ ସୁନା ବ୍ରେସ୍‌ଲେଟ୍ ପାଇଥିଲେ ସରସ୍ୱତୀ। ପ୍ଲାଣ୍ଟ ପରିଚାଳିକା ଅଙ୍କିତା ମହାନ୍ତିଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏହାପରେ ହଜିଯାଇଥିବା ଲୋକଙ୍କୁ ସୁନା ଅଳଙ୍କାର ଫେରାଇଦେବାକୁ ଉଭୟ ନିଷ୍ପତ୍ତି ନେଇଥିଲେ।

## ଆସାମରୁ ଆସିଥିବା ପର୍ଯ୍ୟଟକ ନିଖୋଜ



ନନ୍ଦନକାନନ,୧୯।୧୨(ସମିସ): ଜଣେ ଯୁବକ ନିଖୋଜ ହୋଇଥିବା ଗୁରୁବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ଯୁବକ ଜଣକ ହେଲେ ଆସାମ ଅଞ୍ଚଳର ପିତାମ୍ବର ପାଠକ (୪୨)। ପିତାମ୍ବର ପରିବାର ସହ ଆସାମରୁ ଏକ ବସ୍ ଯୋଗେ ଓଡ଼ିଶା ଆସିଥିଲେ। ଗୁରୁବାର ପୂର୍ବାହ୍ଣରୁ ପରିବାର ସହ ନନ୍ଦନକାନନ ବୁଲିବାକୁ ଯାଇଥିଲେ। ନନ୍ଦନକାନନ ବୁଲି ବସ୍‌ଷ୍ଟାଣ୍ଡକୁ ଆସିବା ପୂର୍ବରୁ ପରିବାର ଲୋକଙ୍କଠାରୁ ପିତାମ୍ବର ଅଲଗା ହୋଇଯାଇଥିବା ନେଇ ନନ୍ଦନକାନନ ଥାନାରେ ଅଭିଯୋଗ କରାଯାଇଛି। ଏ ନେଇ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ପରିବାର ଲୋକଙ୍କୁ ଧରି ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି ଆରମ୍ଭ କରିଛନ୍ତି। ଯୁବକ ଜଣକ ଆଶାବାଡ଼ି ସହାୟତାରେ ଚଲାବୁଲା କରନ୍ତି।

**ରମାଦେବୀରେ 'ମହିଳା ଓ ପ୍ରଶାସନ' ଉପରେ ଆଲୋଚନାଚକ୍ର**

## 'ପ୍ରଶାସନିକ ସ୍ତରରେ ମହିଳାଙ୍କ ଉପସ୍ଥିତିର ଆବଶ୍ୟକତା'

ଭୁବନେଶ୍ୱର, ୧୯।୧୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମହିଳା ଓ ପ୍ରଶାସନ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଲୋକ ପ୍ରଶାସନ ବିଭାଗ ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ ଉଚ୍ଚ ପ୍ରଶାସନିକ ସ୍ତରରେ ମହିଳାଙ୍କ ଉପସ୍ଥିତିର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରି ମହିଳାଙ୍କ ଆଖିଦୃଶିଆ ଉପସ୍ଥିତି ନ ରହିଲେ ଶାସନ ପ୍ରକ୍ରିୟା ଓ ନିଷ୍ପତ୍ତି ମାର୍ଜିତ ହେବନାହିଁ ବୋଲି କହିଛନ୍ତି। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମାନସ ବେହେରା ବିଷୟବସ୍ତୁ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଅଧ୍ୟାପକ ବସନ୍ତ ବେହେରା ସ୍ୱାଗତ ଭାଷଣ ଓ ସର୍ବାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଜିନା ମହାପାତ୍ର, ଦେବୀ ପ୍ରସାଦ ଦାସ, ତପନ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବାବେଳେ ବହୁ ଛାତ୍ରୀ ଉପସ୍ଥିତ ଥିଲେ।

## ନନ୍ଦନକାନନରେ ନୀଳଗାଈ ମୃତ

ନନ୍ଦନକାନନ,୧୯।୧୨(ସମିସ): ଗୁରୁବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ନୀଳଗାଈର ମୃତ୍ୟୁ ହୋଇଛି। ୬୫ ନମ୍ବର ଖୁଆଡ଼ରେ ରହୁଥିବା ଏହି ନୀଳଗାଈ ଚିକିତ୍ସାଧୀନ ଥିଲା। କିଛିଦିନ ହେବ ନୀଳଗାଈଟି ଅସୁସ୍ଥ ଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହୋଇ ନ ଥିଲା। ଦିନକୁ ଦିନ ଦୁର୍ବଳ ହେବା ସହ ଖାଦ୍ୟ ଖାଇବା କମି ଯାଇଥିଲା। ଗୋଟିଏ ସ୍ଥାନରେ ଶୋଇ ରହୁଥିଲା। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ଶବ ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜନ୍ତୁ ବିଭାଗର ଜଣେ ଅଧିକାରୀ କହିଛନ୍ତି।



୬ ଦଫା ଦାବିରେ ସେସ୍କୋ ଇଞ୍ଜିନିୟର ସର୍ଭିସ୍ ଆସୋସିଏସନ୍ ଏବଂ ଓଡ଼ିଶା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଆସୋସିଏସନ୍ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ବାଲିଅନ୍ତା,୧୯।୧୨(ସମିସ): ସରକଣା ପଞ୍ଚାୟତ ଅଧୀନସ୍ଥ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ମହୋତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ବିଶ୍ୱାଳଙ୍କ ପୌରୋହିତ୍ୟରେ ପରିଚାଳିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା ସାହୁ, ମୁଖ୍ୟବକ୍ତା ଭାବରେ ସମିତିସଭ୍ୟା ସଂଯୁକ୍ତା ବିଶ୍ୱାଳ, ମୋ ସ୍କୁଲ ସଭାପତି ରାଜେନ୍ଦ୍ର କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳନ୍ଦୀ ଚରଣ ମହାପାତ୍ର, ଭଗବତୀ କ୍ଲଷ୍ଟରର ସିଆର୍‌ସି ମନୋଜ କୁମାର ସାହୁ, ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ଖୁଣ୍ଟିଆ, ଗ୍ରାମର ବିଶିଷ୍ଟ ବ୍ୟକ୍ତି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ କ୍ରୀଡ଼ା ପ୍ରତି ସେମାନଙ୍କର ମନୋବଳ ବଢ଼ାଇଥିଲେ। ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ପ୍ରଦୀପ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ଓ ଭାଗିରଥି ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପବିତ୍ର ଭୋଇ ଏବଂ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଦ୍ୱିତୀୟ ପ୍ରବାସୀ ନୃତ୍ୟ ସଙ୍ଗମ କାର୍ଯ୍ୟକ୍ରମ**

## ଓଡ଼ିଶୀ ନୃତ୍ୟ ପରିବେଷଣ କଲେ ଆମେରିକାର ନୃତ୍ୟଶିଳ୍ପୀ



ଭୁବନେଶ୍ୱର,୧୯।୧୨(ସମିସ): ଗୁରୁବାର ଓଡ଼ିଶୀ ଗବେଷଣା କେନ୍ଦ୍ର ସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି "ଦ୍ୱିତୀୟ ପ୍ରବାସୀ ନୃତ୍ୟ ସଙ୍ଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶାର ବିଭିନ୍ନ ନୃତ୍ୟର ବହୁଳ ପ୍ରଚାରପ୍ରସାର ଏବଂ ସାଂସ୍କୃତିକ ଭାବବିନିମୟ ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବଂ ଆମେରିକା ସ୍ଥିତ "ନୃତ୍ୟସାଧନା' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଏହା ଆୟୋଜିତ। ଗୁରୁବାର ଏହି କାର୍ଯ୍ୟକ୍ରମରେ ଆମେରିକା ସ୍ଥିତ ନୃତ୍ୟସାଧନା ଅନୁଷ୍ଠାନର ଓଡ଼ିଶୀ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଦଳଗତ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ପରିବାରର ନିର୍ଦ୍ଦେଶକ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟନିର୍ବାହୀ ବିଜୟ କେତନ ଉପାଧ୍ୟାୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ତାପସୀ ରଥ ଏବଂ ସୁଚିଲଗ୍ନା ପାଣିଗ୍ରାହୀ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ ଗବେଷଣା କେନ୍ଦ୍ରର ଜ୍ୟୋତିରାଣୀ ନାୟକ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ୱୈତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ଏବଂ ସାଥୀ, ଗୁରୁ ଜ୍ୟୋତି ରାଉତ ଏବଂ ସାଥୀ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ନୃତ୍ୟଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ମୟୂର ଆର୍ଟ ସେଣ୍ଟର ତରଫରୁ ଛଉ ନୃତ୍ୟ, ଢୋଲମହୁରୀ କଳାପରିଷଦ, ବଲାଙ୍ଗିର ତରଫରୁ ସମ୍ବଲପୁରୀ ନୃତ୍ୟ, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, କେସିଙ୍ଗା, କଳାହାଣ୍ଡି ତରଫରୁ ଢାପନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ବିଶ୍ୱଜିତ୍ ବଳିଆରସିଂ ମଞ୍ଚ ପରିଚାଳନା କରିଥିଲେ।

## ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଶିକ୍ଷାଦାନ ବାଧାପ୍ରାପ୍ତ

**କ୍ଲାସ୍ ନ କରି ନାଚ, ଗୀତ ଶିଖାଉଛନ୍ତି ଶିକ୍ଷକ**

**ଚିନ୍ତାରେ ଦଶମ ଶ୍ରେଣୀ ପିଲାଙ୍କ ଅଭିଭାବକ**

ଭୁବନେଶ୍ୱର,୧୯।୧୨(ସମିସ): ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ ଚାଲିଛି ଜୋରଦାର୍ ପ୍ରସ୍ତୁତି। ଚିତ୍ରାଙ୍କନ, ନାଚ, ବକ୍ତୃତା ଓ ଗୀତ ପ୍ରତିଯୋଗିତା ପାଇଁ ଚାଲିଛି ପ୍ରସ୍ତୁତି ପର୍ବ। ପିଲାମାନେ ପାଠପଢ଼ା ଛାଡ଼ି ନାଚ, ଗୀତ କରୁଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଆଗକୁ ପରୀକ୍ଷା ଥିବାବେଳେ ବିଦ୍ୟାଳୟରେ ପାଠପଢ଼ା ହେଉ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବାକୁ ବିଏମ୍‌ସି ପକ୍ଷରୁ ଭୁବନେଶ୍ୱର ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ଅନୁରୋଧ କରାଯାଇଛି। ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ କନିଷ୍ଠ ଓ ଅଷ୍ଟମରୁ ଦଶମ ଛାତ୍ରଛାତ୍ରୀଙ୍କୁ ବରିଷ୍ଠ ବର୍ଗରେ ଅନ୍ତର୍ଭୁକ୍ତ କରି ଚିତ୍ରାଙ୍କନ, ନାଚ, ବକ୍ତୃତା ଓ ଗୀତ ପ୍ରତିଯୋଗିତା କରିବାକୁ କୁହାଯାଇଛି। ସମସ୍ତ ପ୍ରତିଯୋଗିତା ଏକ୍ସ-ମାସ ଛୁଟି ପୂର୍ବରୁ ସାରିବାକୁ ମଧ୍ୟ ଉଲ୍ଲେଖ ରହିଛି। ଉଭୟ ବର୍ଗରେ କ୍ଲଷ୍ଟରସ୍ତରୀୟ କୃତୀ ଛାତ୍ରଛାତ୍ରୀଙ୍କ ତାଲିକା ପ୍ରଦାନ କରିବାକୁ କହିବା ସହ ବିଏମ୍‌ସିସ୍ତରୀୟ ପ୍ରତିଯୋଗିତା ପାଇଁ ପରବର୍ତ୍ତୀ ସମୟରେ ତାରିଖ ପ୍ରକାଶ କରାଯିବ ବୋଲି କୁହାଯାଇଛି। ବିଏମ୍‌ସିସ୍ତରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ବିଶାଳ କାର୍ଯ୍ୟକ୍ରମ କରି ପୁରସ୍କୃତ କରାଯିବ ବୋଲି ବିଏମ୍‌ସି ଦର୍ଶାଇଛି। ଗୋଟିଏ ପଟେ ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଜୋତା-ମୋଜା ଓ ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ପୋଷାକ ପ୍ରଦାନ କରାଯାଇ ନ ଥିବାବେଳେ ଅନ୍ୟପଟେ ପାଠପଢ଼ା ମଧ୍ୟ ବାଧାପ୍ରାପ୍ତ ହେଉଛି। ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମୁଣ୍ଡ ଉପରେ ବାର୍ଷିକ ପରୀକ୍ଷା ଥିବାବେଳେ ପାଠପଢ଼ା ହେଉନାହିଁ। ବିଭିନ୍ନ ବିଦ୍ୟାଳୟରେ ଗୁରୁବାର ଦିନତମାମ ସମସ୍ତ କ୍ଲାସ୍ ବାତିଲ୍ କରି ନାଚ, ଗୀତ ଶିଖାଯାଇଛି। ଫଳରେ ଅଭିଭାବକମାନେ ଅସନ୍ତୋଷବ୍ୟକ୍ତ କରି କହିଛନ୍ତି, ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଠିକ୍ ଅଛି; ହେଲେ ପାଠପଢ଼ାକୁ ବାତିଲ୍ କରି ଏସବୁ କରିବା ଦ୍ୱାରା ମେଧାବୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଛି।

ଅଭିଭାବକ ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ କହିଛନ୍ତି ପ୍ରବାସୀଙ୍କ ବିଷୟରେ ଛାତ୍ରଛାତ୍ରୀଙ୍କ ଜାଣିବା ଯେତିକି ଆବଶ୍ୟକ, ରାଜ୍ୟର ଶିକ୍ଷକ ଅଭାବ, ମଧ୍ୟାହ୍ନଭୋଜନର ମାନ ଓ ଉଜୁଡ଼ା ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରବାସୀଙ୍କୁ ଜଣାଇବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଫଳରେ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ସେମାନେ ସଠିକ୍ ମୂଲ୍ୟାଙ୍କନ କରିପାରିବେ। ଅପରପକ୍ଷରେ ପାଠପଢ଼ା ବାଧାପ୍ରାପ୍ତ ସମ୍ପର୍କରେ ଭୁବନେଶ୍ୱର ବିଇଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନି।

# ଭୁବନେଶ୍ୱର ସିଟି



**ଆସିଗଲାଣି ପର୍ଯ୍ୟଟନ ଋତୁ**

# ଗାନ୍ଧୀ ଶାନ୍ତି କେନ୍ଦ୍ରରେ ବଢୁଛି ଭିଡ଼





ଭୁବନେଶ୍ୱର, ୧୯।୧୨(ସମିସ): ଆସିଗଲାଣି ପର୍ଯ୍ୟଟନ ଋତୁ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି ରାଜଧାନୀର ବିଭିନ୍ନ ପର୍ଯ୍ୟଟନସ୍ଥଳ। ଖଣ୍ଡଗିରି, ଉଦୟଗିରି, ଧଉଳି, ଡେରାସ, ଶିଖରଚଣ୍ଡୀ, ଜୟଦେବ ବାଟିକା, ନନ୍ଦନକାନନ ଆଦି ସ୍ଥାନରେ ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ବଢ଼ିବାରେ ଲାଗିଛି। ରାଜଧାନୀର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କୁହାଯାଉଥିବା ଖଣ୍ଡଗିରି, ଉଦୟଗିରିରେ ପ୍ରତିଦିନ ପର୍ଯ୍ୟଟକଙ୍କ ବେଶ୍ ଭିଡ଼ ଜମିଥାଏ। ଏହି ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ଖଣ୍ଡଗିରି ଅଞ୍ଚଳରେ ରହିଥିବା ଗାନ୍ଧୀ ପିସ୍ ସେଣ୍ଟର ବା ଗାନ୍ଧୀ ଶାନ୍ତି କେନ୍ଦ୍ରକୁ ଏବେ ଯାତ୍ରୀ ଅଧିକରୁ ଅଧିକ ମାତ୍ରାରେ ଆସୁଛନ୍ତି। ଆଜି ଗାନ୍ଧୀ ନାହାନ୍ତି। ହେଲେ ସେ କରିଯାଇଥିବା କାର୍ଯ୍ୟକୁ ଏହି ଶାନ୍ତି କେନ୍ଦ୍ରରେ ଦେଖି ଲୋକ ଆକଳନ କରୁଛନ୍ତି କି ଗାନ୍ଧୀ ଦେଶ ପାଇଁ କ'ଣ କ'ଣ କରିଛନ୍ତି। ଏହି କେନ୍ଦ୍ରରେ ଅହିଂସା ସ୍ତମ୍ଭ ଏବଂ ୬ଟି ଗ୍ୟାଲେରୀ ରହିଛି; ଯେଉଁଥିରେ ଗାନ୍ଧୀଙ୍କ ଆତ୍ମଜୀବନୀ ସହିତ ଜଡ଼ିତ ସମସ୍ତ ତଥ୍ୟ ରହିଛି। ପ୍ରଥମ ଗ୍ୟାଲେରୀ ହେଉଛି ଅହିଂସା ଗ୍ୟାଲେରୀ। ଏହି ଗ୍ୟାଲେରୀରେ ହିଂସାକୁ ଚିତ୍ରିତ କରାଯାଇଛି। ଦୟାନଦୀ କୂଳରେ ହୋଇଥିବା କଳିଙ୍ଗ ଯୁଦ୍ଧରେ ୩୭ କିଲୋମିଟର ପର୍ଯ୍ୟନ୍ତ ରକ୍ତର ହୋଲି ହୋଇଥିଲା। ଯାହାକୁ ପ୍ରଥମ ଗ୍ୟାଲେରୀରେ ଏକ ନାଲି କପଡ଼ା ମାଧ୍ୟମରେ ଦର୍ଶାଯାଇଛି।

ସେହିପରି ଦ୍ୱିତୀୟ ଗ୍ୟାଲେରୀରେ ମହାତ୍ମା ଗାନ୍ଧୀ ଇନ୍ ଦ ୨୧ ସେଞ୍ଚୁରୀକୁ ଦର୍ଶାଯାଇଛି। ଏଥିସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମହାତ୍ମା ହିଟ୍‌ଲରଙ୍କୁ ଲେଖିଥିବା ଏକ ଚିଠି, ଗାନ୍ଧୀଙ୍କର ବାଳକ, ଯୁବକ, ବୟସ୍କ ସମୟର ଫଟୋ ରହିଛି। ଲବଣ ସତ୍ୟାଗ୍ରହ ଉପରେ ଏକ ଛୋଟ ନାଟକ ମଧ୍ୟ ଆଭାସୀ ମାଧ୍ୟମରେ ପରିବେଷଣ ହେଉଛି। ତୃତୀୟ ଗ୍ୟାଲେରୀରେ ମୋହନ ଦାସଙ୍କଠାରୁ ମହାତ୍ମା ଗାନ୍ଧୀ(୧୮୬୯ରୁ ୧୯୧୪) ହେବା ପର୍ଯ୍ୟନ୍ତ ତଥ୍ୟ ରହିଛି। ଚତୁର୍ଥ ଗ୍ୟାଲେରୀରେ ମହାତ୍ମା ଗାନ୍ଧୀ ସାଉଥ୍ ଆଫ୍ରିକାରୁ ଭାରତ(୧୯୧୫ ରୁ ୧୯୪୮) ଆସିବା ପରର ତଥ୍ୟ ରହିଛି। ପଞ୍ଚମ ଗ୍ୟାଲେରୀରେ ଗାନ୍ଧୀ ଅନ୍ ୱେକୁ ଉପସ୍ଥାପିତ କରାଯାଇଛି। ଏହି ଗ୍ୟାଲେରୀରେ ସାଉଥ୍ ଆଫ୍ରିକାରେ ଥିବା ଗାନ୍ଧୀଙ୍କ ଆଶ୍ରମ, ପିଟର ଯେଉଁଠି କଳା-ଗୋରା ଭେଦଭାବ ପାଇଁ ଗାନ୍ଧୀଙ୍କୁ ରେଳରୁ କାଢ଼ି ଦିଆଯାଇଥିଲା ଏବଂ ମେରିଜ୍ ବର୍ଗ ରେଳ ଷ୍ଟେସନର ଫଟୋ ଆଦି ସ୍ଥାନୀତ ହୋଇଛି। ୬ ନମ୍ବର ଗ୍ୟାଲେରୀରେ ବିଭିନ୍ନ ପ୍ରକାରର ଖଦୀ ବସ୍ତ୍ର ଓ ବିଭିନ୍ନ ପ୍ରକାରର ହାତ ତିଆରି ସାମଗ୍ରୀ ଉପଲବ୍ଧ ହୋଇଛି।

ପ୍ରଥମେ ଯେବେ ଏହି ଗାନ୍ଧୀ ଶାନ୍ତି କେନ୍ଦ୍ର ହେଲା ଲୋକମାନେ କିଛି କାର୍ଯ୍ୟାଳୟ ଭାବିକି ଏତେ ମାତ୍ରାରେ ଆସୁ ନ ଥିଲେ। ହେଲେ ଏବେ ଗତ କିଛି ବର୍ଷ ହେଲା ଏଠାକୁ ପର୍ଯ୍ୟଟକମାନେ ଅଧିକ ସଂଖ୍ୟାରେ ଅସୁଛନ୍ତି। ଏବେ ଗୋଟିଏ ଦିନରେ ୩୦୦ରୁ ୪୦୦ ପାଖାପାଖି ଲୋକ ଏହି କେନ୍ଦ୍ରକୁ ବୁଲିବାକୁ ଆସୁଛନ୍ତି। ବେଳେବେଳେ ହଜାରେରୁ ଅଧିକ ଲୋକ ମଧ୍ୟ ହୋଇଯାଆନ୍ତି। ଗାନ୍ଧୀଙ୍କ ଉପରେ ଅନେକ ତଥ୍ୟ ଏଠାରୁ ପାଉଛନ୍ତି ବୋଲି ଗାନ୍ଧୀ ଶାନ୍ତି କେନ୍ଦ୍ରର ମ୍ୟାନେଜର ପୁରୁଷୋତ୍ତମ ସାହୁ କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି, ଆମେ ଗାନ୍ଧୀଙ୍କ ଜୟନ୍ତୀରେ ଗାଡ଼ି ପଠେଇ ସ୍କୁଲ ପିଲାଙ୍କୁ ଆଣି ଏହ କେନ୍ଦ୍ର ଦେଖାଇଥାଉ। ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ପିଲାମାନେ ମଧ୍ୟ ଅଂଶ ଗ୍ରହଣ କରିଥାନ୍ତି ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗର ଜଣେ ପର୍ଯ୍ୟଟକ କୁହନ୍ତି, ଅନ୍ୟ ସ୍ଥାନ ଅପେକ୍ଷା ଏହି ସ୍ଥାନ ବହୁତ ଭଲ ଏବଂ ଶାନ୍ତ ସରଳ ପରିବେଶ। ଗାନ୍ଧୀଙ୍କ ବିଷୟରେ ବହୁତ କିଛି ଜାଣିବାକୁ ମିଳିଲା, ଯାହା ଆମେ ଆଗରୁ ଜାଣି ନ ଥିଲୁ ବୋଲି କହିଛନ୍ତି।

## ୨୩ରୁ ଚଉଷଠୀ ଯୋଗିନୀ ମହୋତ୍ସବ



ଭୁବନେଶ୍ୱର, ୧୯।୧୨(ସମିସ): ଚଳିତ ବର୍ଷ ଅଷ୍ଟାଦଶ ଚଉଷଠି ଯୋଗିନୀ ମହୋତ୍ସବ ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପରେ ଆସନ୍ତା ୨୩, ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ହେବ। ଆସନ୍ତା ବର୍ଷଠାରୁ ଏହି ମହୋତ୍ସବ ସମଗ୍ର ଭାରତ ବର୍ଷରେ ଥିବା ସମସ୍ତ ଯୋଗିନୀ ପୀଠରେ ଅନୁଷ୍ଠିତ ହେବ ବୋଲି ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ନୃତ୍ୟ ପ୍ରତିଭା ଅନୁଷ୍ଠାନର ସମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା, ସଭାପତି ଡ. ରଜନୀ ରଞ୍ଜନ, ଉପସଭାପତି ବଙ୍କିମ ନାୟକ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ବିଭିନ୍ନ ଦିବସରେ ଓଡ଼ିଶାର ପ୍ରଖ୍ୟାତ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ପଶୁମୁଖା ନୃତ୍ୟ, ଛଉନୃତ୍ୟ, ବଣ୍ଡା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଭାରତନାଟ୍ୟମ୍ ଇତ୍ୟାଦି ସହିତ ବାବୁ ପାଣିଗ୍ରାହୀଙ୍କ କଣ୍ଠସଙ୍ଗୀତ, ତାଳବାଦ୍ୟ, ପ୍ରହଲ୍ଲାଦ ନାଟକ ଇତ୍ୟାଦି ପରିବେଷଣ କରାଯିବ। ସାହିତ୍ୟ, ନୃତ୍ୟ, ସଙ୍ଗୀତ କ୍ଷେତ୍ରରେ ବିଶିଷ୍ଟ କବି ଡ. ଫନୀ ମହାନ୍ତି, ପାର୍ଥସାରଥୀ ପାଣିଗ୍ରାହୀ ଓ ନୃତ୍ୟଗୁରୁ ନିରଞ୍ଜନ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯିବ ଏବଂ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ତ୍ରିପୁରା ମିଶ୍ରଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯିବ। ଏହି ଅବସରରେ ରହସ୍ୟମୟ ଯୋଗିନୀ ପୀଠ ଓ ତା'ର ରହସ୍ୟମୟ ପରମ୍ପରା ସମ୍ପର୍କିତ ଏକ ପାଠଚକ୍ର ଡ. ଆଦ୍ୟାସା ଦାସ ଏବଂ ଡ. ସଙ୍ଗୀତା ଗୋସାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହେବ।

## ଆଜି ମୁକ୍ତିଲାଭ କରିବ 'ପରବ୍'



ଭୁବନେଶ୍ୱର, ୧୯।୧୨(ସମିସ): ବିନା ପରବରେ ଶୁକ୍ରବାର ପୂର୍ଣ୍ଣ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ଓଡ଼ିଆ ଚଳଚ୍ଚିତ୍ର 'ପରବ୍'। ଓଡ଼ିଶା ମାଟିର ବିଭିନ୍ନ ମୌଳିକ କାହାଣୀକୁ ନେଇ ଓଡ଼ିଆ ସିନେମା ନିର୍ମାଣର ଧାରା ବଦଳିବା ପରେ ପ୍ରେକ୍ଷାଳୟମୁହାଁ ହେଉଛନ୍ତି ଓଡ଼ିଆ ସିନେ ଦର୍ଶକ। ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା 'ଦମନ' ଚଳଚ୍ଚିତ୍ର ତା'ର ଜ୍ୱଳନ୍ତ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ଦମନର ଅପୂର୍ବ ସଫଳତା ପରେ ଆହୁରି ପାଦେ ଆଗେଇଛନ୍ତି ଯୁବ ପ୍ରଯୋଜକ ଦିପେନ୍ଦ୍ର ସାମଲ। ଜେପି ମୋସନ ପିକ୍‌ଚର୍ସ ବ୍ୟାନର୍‌ରେ ଶ୍ରୀ ସାମଲଙ୍କ ଦ୍ୱିତୀୟ ଅବଦାନ 'ପରବ୍' ଶୁକ୍ରବାର ପୂର୍ଣ୍ଣ ପ୍ରେକ୍ଷାଳୟରେ ୩ଟି ଭାଷା ଓଡ଼ିଆ, ହିନ୍ଦୀ ଏବଂ ତେଲୁଗୁରେ ମୁକ୍ତିଲାଭ କରିବ। ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଅଭିନେତ୍ରୀ ଅନୁ ଚୌଧୁରୀ, ଦୀପନ୍ୱିତ ଦାସ ମହାପାତ୍ର, ସୂର୍ଯ୍ୟମୟୀ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସଙ୍କ ସମେତ ଆହୁରି ଅନେକ ନାମୀ କଳାକାର 'ପରବ୍'ରେ ଅଭିନୟ କରିଛନ୍ତି। ପରବ୍ ସହିତ ବେଙ୍ଗାଲୁରୁରେ ଅବସ୍ଥାପିତ ବ୍ରଜ କିଶୋର ପ୍ରଧାନଙ୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆହ୍ୱାନ' ଯୋଡ଼ିହୋଇଛି। ଉକ୍ତ ଚଳଚ୍ଚିତ୍ରରୁ ଯାହା କିଛି ରାଶି ବକ୍ସ ଅଫିସରୁ ସଂଗ୍ରହ ହେବ ସେଥିରୁ କିଛି ଅଂଶ ଆହ୍ୱାନ ମାଧ୍ୟମରେ ସମାଜସେବା ପାଇଁ ଦାନ ସ୍ୱରୂପ ଦିଆଯିବ ବୋଲି ପ୍ରଯୋଜକ ଶ୍ରୀ ସାମଲ ଘୋଷଣା କରିଛନ୍ତି। ଗୁରୁବାର ଭୁବନେଶ୍ୱର ସ୍ଥିତ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜକ ଶ୍ରୀ ସାମଲ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ପ୍ରଚାରପ୍ରସାର ମୁଖ୍ୟ ମିଡିଆ ପ୍ଲାନର ପ୍ରଣୟ ଜେଠୀ ଉପସ୍ଥିତ ଥିଲେ।

## ୭ମ ହୀରାପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ବାଲିଅନ୍ତା, ୧୯।୧୨(ସମିସ): ଗୁରୁବାର ହୀରାପୁର ୭ମ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆଇନଜୀବୀ ବିକ୍ରମ କେଶରୀ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିଦ୍ୟୁଭୂଷଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ସିଦ୍ଧେଶ୍ୱର ନାୟକ, ରବୀନ୍ଦ୍ର ନାୟକ, ଚକ୍ରଧର ନାୟକ, ଧରଣୀଧର ଦାସ, ମାନସ ଦାସ, ଡମ୍ବରୁଧର ମହାରଣା, ଅକ୍ଷୟ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ୮ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଉକ୍ତ ମ୍ୟାଚ୍‌କୁ ଧରଣୀଧର ଦାସ, ମାନସ ରଞ୍ଜନ ଦାସ, ସନ୍ତୋଷ ନାୟକ ଓ ବିକାଶ କୁମାର କୁଣ୍ଡ (ବିକନ) ପରିଚାଳନା କରିଥିଲେ। ପ୍ରତ୍ୟେକ ଦିନ ଖେଳ ଶେଷରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ଆୟୋଜକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ମିଳିଛି।

**ମହିଳା କର୍ମଚାରୀଙ୍କୁ ଅସଦାଚରଣ**

## ଫାଇନାନ୍ସ କମ୍ପାନୀ ମ୍ୟାନେଜର ଅଟକ

ଭୁବନେଶ୍ୱର, ୧୯।୧୨(ସମିସ): ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଫାଇନାନ୍ସ କମ୍ପାନୀ ମ୍ୟାନେଜରଙ୍କୁ ଉଠାଇ ଆଣିଛି ମୈତ୍ରୀବିହାର ଥାନା ପୁଲିସ। ଅଭିଯୁକ୍ତ ହେଉଛି ଶରଣକୁଳର ରବି ନାରାୟଣ ସାହୁ। ଅଭିଯୋଗ ଅନୁଯାୟୀ, ରବି ସାମନ୍ତବିହାରରେ ଥିବା ଏକ ଘରୋଇ ଫାଇନାନ୍ସ କମ୍ପାନୀରେ ମ୍ୟାନେଜର ଭାବେ କାମ କରୁଥିଲେ। ଜଣେ ୧୯ ବର୍ଷୀୟା ଯୁବତୀ ସେହି କମ୍ପାନୀରେ ମାନବସମ୍ବଳ ବିଭାଗର ମ୍ୟାନେଜର ଭାବେ କାମ କରୁଥିଲେ। କିଛିଦିନ ପୂର୍ବେ ରବି ତାଙ୍କୁ ଅଫିସ୍ ଭିତରେ ଅସଦାଚରଣ କରିଥିଲେ। ଏହାପରେ ଯୁବତୀ ଜଣକ ଚାକିରି ଛାଡ଼ି ପଳାଇବା ସହିତ ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଥିଲା। ଗୁରୁବାର ରବିଙ୍କୁ ଥାନାକୁ ଉଠାଇ ଆଣି ଅଟକ ରଖି ପଚରାଉଚରା ଚଳାଇଛି। ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

## ଅମିତ ଶାହାଙ୍କ ମନ୍ତବ୍ୟ ବିରୋଧରେ ଦଳିତ ଆଦିବାସୀ ମହାସଂଘର ବିକ୍ଷୋଭ




ଭୁବନେଶ୍ୱର, ୧୯।୧୨(ସମିସ): ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ପ୍ରତି ସଂସଦରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଇଥିବା ମନ୍ତବ୍ୟକୁ ବିରୋଧ କରି ଗୁରୁବାର ଜାତୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି। ଗାନ୍ଧୀ ମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସାଂସଦ ପଦରୁ ତାଙ୍କୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ସଂଗଠନର ରାଜ୍ୟ ସଭାପତି ଲିଟୁ ଦାସ କହିଛନ୍ତି, ବିଜେପି ନେତା ଓ କର୍ମୀମାନେ ସମ୍ବିଧାନ ସଂଶୋଧନ କରିବାକୁ ଖୋଲାଖୋଲି ଭାବେ କହୁଛନ୍ତି। ଏହା ବାବା ସେହେବଙ୍କ ପ୍ରତି ଅପମାନ ଓ ତାଚ୍ଛଲ୍ୟ। ସଂସଦରେ ଶ୍ରୀ ଶାହାଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ସମ୍ବିଧାନ ପ୍ରଣେତାଙ୍କ ପ୍ରତି ବିଜେପିର ଆଭିମୁଖ୍ୟ ସ୍ପଷ୍ଟ ହୋଇଥିବା କହିଛନ୍ତି। ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦକ ଜଗନ୍ନାଥ ଭୋଇ, ଟିକିନା ପରିଡ଼ା, ଖୋର୍ଦ୍ଧା ଜିଲ୍ଲା ସଭାପତି ଅଶୋକ କୁମାର ଭୋଇ, ଉପସଭାପତି ବିଜୟ ଭୋଇ, କଟକ ସଭାପତି ପ୍ରକାଶ ଭୋଇ, ପୁରୀ ସଭାପତି ଜୟଦେବ ବେହେରା, ସମ୍ପାଦିକା ମିନତୀ ବେହେରା, ରମେଶ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଭୁବନେଶ୍ୱର ଆଇଆଇଆଇଟିର ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ



ଭୁବନେଶ୍ୱର, ୧୯ ।୧୨ (ସମିସ): ସିଗନାଲ୍ ପ୍ରକ୍ରିୟାକରଣ, ଶକ୍ତି, ଯୋଗାଯୋଗ ଏବଂ କମ୍ପ୍ୟୁଟିଂ (ଏଏସପିସିସି-୨୦୨୪) ରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଭୁବନେଶ୍ୱର ଆଇଆଇଆଇଟିରେ ଅନୁଷ୍ଠିତ ହୋଇଯାଇଛି। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି, ପ୍ରଫେସର୍ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଆଶିଷ ଘୋଷ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ ପ୍ରଫେସର୍ ରାମବିଳାସ ପାଚୋରୀ ପ୍ରେରଣାଦାୟକ ତଥ୍ୟ ଦେଇ ସମ୍ମିଳନୀର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ସିଙ୍ଗାପୁର, ନରୱେ ଏବଂ ଭାରତର ବିଶେଷଜ୍ଞଙ୍କ ଉଲ୍ଲେଖନୀୟ ଅବଦାନ ସହ ଭାରତ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ୱେଷ୍ଟମିନିଷ୍ଟର ଭଳି ଦେଶରୁ କାଗଜପତ୍ର ଗ୍ରହଣ କରାଯାଇଥିଲା।

## ଫରେଷ୍ଟର, ଫରେଷ୍ଟ ଗାର୍ଡ ଶାରୀରିକ ପରୀକ୍ଷା ଦାବିରେ ବିକ୍ଷୋଭ

ଭୁବନେଶ୍ୱର, ୧୯।୧୨(ସମିସ): ଗତ ଏପ୍ରିଲ୍ ମାସରୁ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଲାଇଭ୍‌ଷ୍ଟକ୍ ଇନ୍ସପେକ୍ଟର ନିଯୁକ୍ତି ପାଇଁ ପରୀକ୍ଷା ସରିଛି। ଏହାର ମେଧା ତାଲିକା ସେପ୍ଟେମ୍ବର ୨ ତାରିଖରେ ପ୍ରକାଶ ପାଇଛି। ହେଲେ ଶାରୀରିକ ପରୀକ୍ଷା କେବେ ହେବ ଏଯାଏଁ ତାରିଖ ଘୋଷଣା କରୁନାହାନ୍ତି ସରକାର। ଫଳରେ ଶାରୀରିକ ପରୀକ୍ଷା ପାଇଁ ଚୟନ ହୋଇଥିବା ପରୀକ୍ଷାର୍ଥୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଗୁରୁବାର ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ବିକ୍ଷୋଭ କରିବା ସହ ତୁରନ୍ତ ଶାରୀରିକ ପରୀକ୍ଷା କରିବାକୁ ଦାବି କରିଛନ୍ତି। ଏହି ନିଯୁକ୍ତି ପାଇଁ ୨୦୨୩ ସେପ୍ଟେମ୍ବର ୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷା କ୍ୟାଲେଣ୍ଡର ଅନୁଯାୟୀ, ଜୁଲାଇ ମାସରେ ଶାରୀରିକ ପରୀକ୍ଷା କରିବାକୁ ଧାର୍ଯ୍ୟ ହୋଇଥିଲା। ଏଥିରେ ଅହେତୁକ ବିଳମ୍ବ ହେଉଥିବାରୁ ଶାରୀରିକ ପରୀକ୍ଷା ପାଇଁ ପ୍ରସ୍ତୁତି କରିପାରୁ ନାହାନ୍ତି କି ଅନ୍ୟ କୌଣସି ପରୀକ୍ଷା ପାଇଁ ପଢ଼ିପାରୁ ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଆଶାୟୀଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରି ଖୁବ୍‌ଶୀଘ୍ର ଶାରୀରିକ ପରୀକ୍ଷା ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର କରିଥିବା ଆଶାୟୀମାନେ ପ୍ରକାଶ କରିଛନ୍ତି।



## ରେଳ ସଦନରେ ହାଇଟେକ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୧୯।୧୨(ସମିସ): ରେଳ ସଦନଠାରେ ରେଳ ବିଭାଗର ସମସ୍ତ କର୍ମଚାରୀଙ୍କ ନିମନ୍ତେ ଇଷ୍ଟ କୋଷ୍ଟ ରେଲ୍‌ୱେ ଏବଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭେଷଜ ବିଭାଗ, ଅର୍ଥୋପେଡ଼ିକ୍, ଗ୍ୟାଷ୍ଟ୍ରୋଲୋଜି, କାର୍ଡିଓଲୋଜି, ନ୍ୟୁରୋଲୋଜି, ଇଏନ୍‌ଟି ଆଦି ବିଭିନ୍ନ ବିଭାଗର ସୁଦକ୍ଷ ଚିକିତ୍ସାବିତ୍‌ଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିବା ବେଳେ ଦନ୍ତ ଚିକିତ୍ସା, ଇସିଜି ଓ ରକ୍ତ ପରୀକ୍ଷା ଭଳି ସୁବିଧା ଉପଲବ୍ଧ କରାଯାଇଥିଲା। ଦୁଇ ଦିନ ଧରି ଆୟୋଜିତ ହୋଇଥିବା ଏହି ଶିବିରରେ ୯୦୦ରୁ ଊର୍ଦ୍ଧ୍ୱ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ହାଇଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଡ. ରାକେଶ କୁମାର ପାଣିଗ୍ରାହୀ, ଇଷ୍ଟକୋଷ୍ଟ ରେଲ୍‌ୱେର ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ, ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡ. ସୁଶିଲ କୁମାର ବେହେରା, ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ପଟ୍ଟନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ଶ୍ରୁରେଶ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ କରାଯାଇଥିବା ବେଳେ ରେଳ ବିଭାଗର ସମସ୍ତ କର୍ମଚାରୀ ଏଭଳି ପ୍ରୟାସକୁ ନେଇ ଧନ୍ୟବାଦ ଜଣାଇଛନ୍ତି। ଶିବିରର ମୁଖ୍ୟ ଆଭିମୁଖ୍ୟ ହେଉଛି ସାରା ଓଡ଼ିଶାରେ ସ୍ୱାସ୍ଥ୍ୟ ଶିବିର ପରିଚାଳନା ହୋଇ ଆସୁଛି। ସମାଜର ନିମ୍ନ ଓ ମଧ୍ୟବିତ୍ତ ବର୍ଗର ଲୋକମାନଙ୍କ ପାଇଁ ସଦାସର୍ବଦା ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବାରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ କେବେ କୁଣ୍ଠାବୋଧ କରିନାହାନ୍ତି।



**ଓଡ଼ିଶା କଲ୍‌ଚରାଲ୍ ସର୍କଲ ପକ୍ଷରୁ ସାଂସ୍କୃତିକ ସମ୍ମିଳନୀ**

## 'ସବୁ କ୍ଷେତ୍ରରେ ବିକାଶ ହେଲେ ହିଁ ଅସ୍ମିତା ଜାଗ୍ରତ ହେଇପାରିବ'

ଭୁବନେଶ୍ୱର, ୧୯।୧୨(ସମିସ)

ଓଡ଼ିଶା କଲ୍‌ଚରାଲ ସର୍କଲ ପକ୍ଷରୁ ସାଂସ୍କୃତିକ ସମ୍ମିଳନୀ ଓଡ଼ିଆ ଅସ୍ମିତାର ଚତୁର୍ଥ ସଂସ୍କରଣ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେଇଯାଇଛି। ଆମ ମାଟି ଓ ଆମ ସ୍ୱାଭିମାନକୁ ନେଇ ବୌଦ୍ଧିକ ଚର୍ଚ୍ଚା ଓ ସଙ୍ଗୀତ ଆସର ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା କଲ୍‌ଚରାଲ ସର୍କଲର ଅଧ୍ୟକ୍ଷ ଜେ.କେ. ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି ଏବଂ ଟିମ୍ ଗ୍ରୁପ୍ ସିଏମ୍‌ଡି ନିଶିକାନ୍ତ ମିଶ୍ର ଯୋଗଦେଇଥିଲେ। ଓଡ଼ିଶାର ସବୁ କ୍ଷେତ୍ରରେ ବିକାଶ ହେଲେ ହିଁ ଅସ୍ମିତା ଜାଗ୍ରତ ହେଇପାରିବ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ଜେନାମଣି ସଞ୍ଜୀବ କୁମାର ଓ ପ୍ରଫେସର୍ ଜ୍ୟୋତି ରଞ୍ଜନ ଦାସ, ସମ୍ପାଦକ ଚୌଧୁରୀ ଅମିତାଭ ଦାସ ଉପସ୍ଥିତ ଥିଲେ। ବୌଦ୍ଧିକ ଆଲୋଚନା, ସଙ୍ଗୀତ ଆସର ମାଧ୍ୟମରେ ଓଡ଼ିଆ ଅସ୍ମିତା ଜାଗ୍ରତ କରିବାକୁ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି ବୋଲି ଅଧ୍ୟକ୍ଷ ଶ୍ରୀ ମହାନ୍ତି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଆୟୋଜିତ ବୌଦ୍ଧିକ ଆଲୋଚନାରେ ମିହିର ମେହେର, ମନିକା ଦାସ, ରକ୍ଷକ ନାୟକ ଭାଗ ନେଇଥିଲେ। ଡ. ଅରବିନ୍ଦ ରାୟ ଆଲୋଚନାକୁ ସଂଯୋଜନା କରିଥିଲେ। ସଙ୍ଗୀତ ଆସରରେ ଟି. ସୌରୀ, ସୌରଭ, ନାଜିଆ, ଗିରିଜା, ସ୍ୱଦେଶ, ଅଭିଷେକ, ସ୍ମରଣିକା, ଅଭିକ୍ଷା ସଙ୍ଗୀତ ପରିବେଷଣ କରିଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଓଡ଼ିଶା କଲ୍‌ଚରାଲ ସର୍କଲର କର୍ମକର୍ତ୍ତା ବିଶ୍ୱରଞ୍ଜନ ଦାଶ, ସାଲୁଟ ସାହୁ, ଅଂଶୁମାନ ପଟ୍ଟନାୟକ, କେଦାର ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।



